# ୧୫ ଦିନରେ ୧୪୨ ସଂକ୍ରମିତଙ୍କ ମୃତ୍ୟୁ

- ମୃତ୍ୟୁସଂଖ୍ୟାରେ ସ୍ଥିରତା ଆସୁନାହିଁ
- ୮ ସଂକ୍ରମିତ ପ୍ରାଣ ହରାଇଲେ
- ଆଜି ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟା ଅଧିକ
- ଆକ୍ରାନ୍ତ ୩୬୪୫, ସୁସ୍ଥ ୩୭୧୪

ଆକ୍ରାନ୍ତ ୧,୪୮,୬୫୦

| ସକ୍ରିୟ | ସୁସ୍ଥ | ମୃତ |
|---|---|---|
| ୩୨,୨୧୪ | ୧,୧୫,୭୩୮ | ୬୪୫ |

**ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ଗତ ୧୫ଦିନ ଭିତରେ କରୋନା ୧୪୨ ଆକ୍ରାନ୍ତଙ୍କ ଜୀବନ ନେଲାଣି । ଅଗଷ୍ଟ ମାସର ପ୍ରଥମ ୧୫ଦିନ ଭିତରେ ମଧ୍ୟ ୧୪୬ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା । ଜୁଲାଇ ମାସର ପ୍ରଥମ ୧୫ ଦିନରେ ୫୨ ଆକ୍ରାନ୍ତ ପ୍ରାଣ ହରାଇଥିଲେ । ରାଜ୍ୟରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟାରେ ସ୍ଥିରତା ଆସୁନାହିଁ । କରୋନା ରୋଗୀଙ୍କୁ ଉତ୍ତମ ଚିକିତ୍ସା ଓ ମୃତ୍ୟୁ ସଂଖ୍ୟା ହ୍ରାସ ଲାଗି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏନେଇ ମେଡିକାଲ କଲେଜ ପ୍ରଫେସରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । କମିଟି ମୃତ୍ୟୁ ସଂଖ୍ୟା କମାଇବା କ୍ଷେତ୍ରରେ ସେତେଟା ସଫଳତା ଅର୍ଜନ କରିପାରିନାହିଁ । ରାଜ୍ୟରେ ୨୪ଘଣ୍ଟାରେ ୮ ସଂକ୍ରମିତଙ୍କ ଜୀବନ ନେଇଛି କରୋନା । ଆଜି କଟକରୁ ସର୍ବାଧିକ ୩ ସଂକ୍ରମିତଙ୍କ ଜୀବନ ଯାଇଥିଲା ବେଳେ ବୌଦ୍ଧ, ରାୟଗଡ଼ା, କନ୍ଧମାଳ, ସୁବର୍ଣ୍ଣପୁର ଓ ସମ୍ବଲପୁରରୁ ଜଣେ ଲେଖାଏଁ ସଂକ୍ରମିତ ପ୍ରାଣ ହରାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୨୧୫, ଖୋର୍ଦ୍ଧାରେ ୯୪, କଟକରେ ୫୪, ସୁନ୍ଦରଗଡ଼ରେ ୩୮ ଓ ରାୟଗଡ଼ାରେ ୩୪ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ରାଜ୍ୟରେ ବର୍ତ୍ତମାନ ମୋଟ ମୃତ୍ୟୁ ସଂଖ୍ୟା ୬୪୫ରେ ପହଞ୍ଚିଛି ।

ରାଜ୍ୟରେ ଆଜି ୩ ହଜାର ୬୪୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ୩ ହଜାର ୭୧୪ ସଂକ୍ରମିତ ଆରୋଗ୍ୟ ହୋଇଛନ୍ତି । ଆଜି ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ଆଜିର ନୂଆ ଅକ୍ରାନ୍ତଙ୍କ ମଧ୍ୟରୁ ୨୧୫୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ୧୪୯୪ ଆକ୍ରାନ୍ତ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି । ସେହିପରି ଅନୁଗୁଳରୁ ୩୯, ବାଲେଶ୍ୱରରୁ ୧୫୬, ଭଦ୍ରକରୁ ୧୪୩, ବଲାଙ୍ଗିରରୁ ୩୯, ବୌଦ୍ଧରୁ ୩୦, କଟକରୁ ୩୫୭, ଦେବଗଡ଼ରୁ ୧୫, ଢେଙ୍କାନାଳରରୁ ୬୮, ଗଜପତିରୁ ୪୬, ଜଗତସିଂହପୁରରୁ ୯୫, ଗଞ୍ଜାମରୁ ୪୬, ଯାଜପୁରରୁ ୧୧୬, ଝାରସୁଗୁଡ଼ାରୁ ୯୧, କଳାହାଣ୍ଡିରୁ ୭୯, କନ୍ଧମାଳରୁ ୯୫, କେନ୍ଦୁଝରରୁ ୫୬, ଖୋର୍ଦ୍ଧାରୁ ୫୧୭, କୋରାପୁଟରୁ ୯୫, ମାଲକାନଗିରିରୁ ୩୩, ମୟୂରଭଞ୍ଜରୁ ୧୩୭, ନବରଙ୍ଗପୁରରୁ ୯୦, ନୟାଗଡ଼ରୁ ୩୮, ନୂଆପଡ଼ାରୁ ୯୦, ପୁରୀରୁ ୨୪୬, ରାୟଗଡ଼ାରୁ ୭୯, ସମ୍ବଲପୁରରୁ ୧୨୭, ସୋନପୁରରୁ ୯୯ ଓ ସୁନ୍ଦରଗଡ଼ରୁ ୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଲକ୍ଷ ୪୮ ହଜାର ୬୫୦ରେ ପହଞ୍ଚିଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୪୪, ବରଗଡ଼ରୁ ୩୯୭, କଟକରୁ ୩୭୫, ଯାଜପୁରରୁ ୨୪୨, ପୁରୀରୁ ୨୦୧, ମୟୂରଭଞ୍ଜରୁ ୧୫୨, ଝାରସୁଗୁଡ଼ାରୁ ୧୧୭, ବାଲେଶ୍ୱରରୁ ୧୧୫, କୋରାପୁଟରୁ ୧୧୫, କନ୍ଧମାଳରୁ ୧୦୦, ଜଗତସିଂହପୁରରୁ ୯୩, ଗଞ୍ଜାମରୁ ୯୨, କେନ୍ଦ୍ରାପଡ଼ାରୁ ୮୮, ସୋନପୁରରୁ ୮୪, ସୁନ୍ଦରଗଡ଼ରୁ ୮୪, ବଲାଙ୍ଗିରରୁ ୭୫, ଅନୁଗୁଳରୁ ୭୨, ସମ୍ବଲପୁରରୁ ୭୧, ନୟାଗଡ଼ରୁ ୭୦, କେନ୍ଦୁଝରରୁ ୬୦, ନବରଙ୍ଗପୁରରୁ ୫୯, ନୂଆପଡ଼ାରୁ ୫୩, କଳାହାଣ୍ଡିରୁ ୪୮, ଦେବଗଡ଼ରୁ ୪୩, ଗଜପତିରୁ ୩୮, ଭଦ୍ରକରୁ ୩୪,

▶▶ ୭

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com